# NATIONAL NEWS BULLETIN (ODIA)

## 3 April - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଲାଗି ଆଜି ପୁଡୁଚେରୀ ଗସ୍ତ କରିବେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ।

– ଆସାମରେ ଜନସଭାକୁ ଉଦ୍‌ବୋଧନ ଦେବେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

- ଜନବିଶ୍ୱାସ ସଂଶୋଧନ ବିଧେୟକ ଦେଶରେ ସହଜ ଜୀବନଧାରଣା ଓ ବ୍ୟବସାୟକୁ ପ୍ରୋତ୍ସାହନ ଦେବ, କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିର କୂଟନୈତିକ ଆଲୋଚନା ମାଧ୍ୟମରେ ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଆହ୍ୱାନ ଦେଲେ ଜାତିସଂଘ ମହାସଚିବ ।
- ପଶ୍ଚିମବଙ୍ଗ ମାଲଦା ଜିଲ୍ଲାରେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାର ତଦନ୍ତ କରିବ ଏନ୍.ଆଇ.ଏ. ।

ଏବଂ

- ଆଇପିଏଲ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ କୋଲକାତା ନାଇଟ୍‌ରାଇଡର୍ସ୍‌ଙ୍କୁ ୬୫ରନ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ।

## ପୁଡୁଚେରୀ-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିବା ଲାଗି ଆଜି ଅପରାହ୍ଣରେ ପୁଡୁଚେରୀରେ ପହଞ୍ଚିବେ । ସେଠାରେ ଶ୍ରୀ ମୋଦୀ ଏକ ରୋଡ୍ ଶୋ’ କରିବା ସହ ସାଧାରଣ ଜନତା ଏବଂ ଦଳୀୟ କର୍ମୀଙ୍କୁ ଉଦ୍‌ବୋଧନ ଦେବେ । ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ଅପରାହ୍ଣ ୪ଟା ୧୫ରେ ପୁଡୁଚେରୀରେ ପହଞ୍ଚିବେ । ସେଠାରୁ ଶ୍ରୀ ମୋଦୀ ଅଜନ୍ତା ସିଗ୍ନାଲ୍ ଜଙ୍କସନ୍‌ରେ ପହଞ୍ଚିବା ପରେ ରୋଡ୍ ଶୋ’ ଆରମ୍ଭ ହେବ । ଏହି ରୋଡ୍ ଶୋ’ ଆନ୍ନା ସଲାଇରୁ ଆରମ୍ଭ ହୋଇ ୧ କିଲୋମିଟରରୁ ଅଧିକ ଅତିକ୍ରମ କରି କାମ୍‌ରାଜ ମୂର୍ତ୍ତି ନିକଟରେ ପହଞ୍ଚିବ । ଏନ୍.ଡି.ଏ.ର ଅନ୍ୟାନ୍ୟ ନେତା ଏବଂ ଦଳୀୟ ପ୍ରାର୍ଥୀମାନେ ପ୍ରଧାନମନ୍ତ୍ରୀଙ୍କ ସହିତ ରୋଡ୍ ଶୋ’ରେ ସାମିଲ ହେବେ । ଶ୍ରୀ ମୋଦୀ ଦଳୀୟ କର୍ମକର୍ତ୍ତା ଏବଂ ସମର୍ଥକମାନଙ୍କୁ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ପ୍ରଚାର କରିବେ । ପ୍ରାୟ ୩୦ ହଜାରରୁ ଅଧିକ ଲୋକ ଏହି ରୋଡ୍ ଶୋ’ରେ ସାମିଲ ହେବାର ସମ୍ଭାବନା

ଥିବାରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ପ୍ରାୟ ୧ ହଜାରରୁ ଅଧିକ ପୁଲିସ୍ ଅଧିକାରୀ ମୁତୟନ କରାଯିବ ବୋଲି ଜଣାପଡ଼ିଛି । ଭିଡ଼ ନିୟନ୍ତ୍ରଣ ପାଇଁ ରୋଡ୍ ଶୋ' ଯିବାକୁ ଥିବା ରାସ୍ତାଗୁଡ଼ିକରେ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି ।

## ଅମିତ ଶାହା-ଆସାମ ଭିଜିଟ୍

ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଅମିତ ଶାହା ଆଜି ଆସାମର ଧୁବ୍ରି ଜିଲ୍ଲା ଅନ୍ତର୍ଗତ ମେଳା ମଇଦାନଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ଜନସଭାକୁ ସମ୍ବୋଧନ କରିବେ । ଗୋଲକଗଞ୍ଜ ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ସେ ପ୍ରଚାର ଆରମ୍ଭ କରିବେ । ପରେ ସେ ଗୋଲପଡ଼ା ଜିଲ୍ଲା ଦୁଧନୋଇ ଠାରେ ସେଠାକାର ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ଏକ ର୍ୟାଲି କରିବେ । ପରବର୍ତ୍ତୀ ସମୟରେ ପଳାସବାରି ବିଧାନସଭା ପ୍ରାର୍ଥୀଙ୍କ ସପକ୍ଷରେ ଶ୍ରୀ ଶାହା ଛାୟାଗାଓଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପଡ଼ିଆରେ ଏକ ଜନସଭାକୁ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଛି ।

ଗତକାଲି ଆସାମରେ ପହଞ୍ଚିବା ପରେ ଶ୍ରୀ ଶାହା ନାଗାଓଁ ଜିଲ୍ଲାର କାଲିଆବୋର ନିର୍ବାଚନ ମଣ୍ଡଳୀରେ ଏକ ଜନସମାବେଶକୁ ଉଦ୍‌ବୋଧନ ଦେଇଥିଲେ । ଆସାମ ଗଣପରିଷଦ ପ୍ରାର୍ଥୀ କେଶବ ମହାନ୍ତଙ୍କ ସପକ୍ଷରେ ପ୍ରଚାର କରିବା ବେଳେ ଶ୍ରୀ ଶାହା କହିଥିଲେ, ବିଜେପି

ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ ପଦକ୍ଷେପ ଗ୍ରହଣ କରୁଛି। ଦେଶର ମୂଳ ମୁସଲିମ୍ ଅଧିବାସୀଙ୍କ ବିରୁଦ୍ଧରେ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ ବୋଲି ଶ୍ରୀ ଶାହା ସ୍ପଷ୍ଟ କରିଥିଲେ। ସେ କହିଥିଲେ, ଗତ ଦଶନ୍ଧି ମଧ୍ୟରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆସାମରେ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ପାଇଁ ୧ ଲକ୍ଷ ୭୮ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅନୁଦାନ ପ୍ରଦାନ କରିଛନ୍ତି ।

## ଆର୍‌ବିଆଇ-ରୁପି ଏକ୍ସଚେଞ୍ଜ

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆର୍ନ୍ତଜାତିକ ବିମାନ ବନ୍ଦରର ପ୍ରସ୍ଥାନ ହଲ୍‌ରେ ଥିବା ବିଦେଶୀ ମୁଦ୍ରା କାଉଣ୍ଟରରେ ବାସିନ୍ଦାମାନଙ୍କୁ ଭାରତୀୟ ମୁଦ୍ରା ବଦଳାଇବାକୁ ଅନୁମତି ଦେବା ଲାଗି ନିଷ୍ପତ୍ତି ନେଇଛି । ଏକ ବିଜ୍ଞପ୍ତିରେ ଆର୍‌ବିଆଇ ପକ୍ଷରୁ କୁହାଯାଇଛି, ଟଙ୍କା ବଦଳାଇବା ଲାଗି ପ୍ରଣୀତ ବ୍ୟବସ୍ଥାର ସମୀକ୍ଷା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏଣିକି ବିମାନ ଯାତ୍ରୀମାନେ ଇମିଗ୍ରେସନ୍ କିମ୍ବା କଷ୍ଟମ୍ ଡେସ୍କ ବାହାରେ ଫରେକ୍ସ କାଉଣ୍ଟରରୁ ଭାରତୀୟ ଟଙ୍କା ବଦଳାଇ ପାରିବେ । ଏଥିଲାଗି ଥିବା ନିୟମରେ ମଧ୍ୟ ଆବଶ୍ୟକୀୟ ସଂଶୋଧନ କରାଯାଇଛି ।

# ପିଏମ୍-ଜନବିଶ୍ୱାସ ବିଲ୍

ସଂସଦରେ ଜନବିଶ୍ୱାସ ସଂଶୋଧନ ବିଧେୟକ ୨୦୨୬ ଗୃହିତ ହେବା ଦ୍ୱାରା ଦେଶରେ ସହଜ ଜୀବନଧାରଣ ଏବଂ ବ୍ୟବସାୟକୁ ପ୍ରୋତ୍ସାହନ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଜନବିଶ୍ୱାସ ସଂଶୋଧନ ବିଧେୟକ ବିଶ୍ୱାସ ଭିତ୍ତିକ ଢାଞ୍ଚାକୁ ଆହୁରି ଦୃଢ଼ କରି ନାଗରୀକମାନଙ୍କୁ ସଶକ୍ତ କରିବ । ସେ କହିଛନ୍ତି, ମାମଲା ଗୁଡ଼ିକର ତ୍ୱରିତ ସମାଧାନ ସହ ମାମଲା ବୋଝ ହ୍ରାସ କରିବା ଦିଗରେ ଏହି ବିଧେୟକ ସଫଳ ପ୍ରମାଣ ହେବ । ଗତକାଲି ଜନବିଶ୍ୱାସ ସଂଶୋଧନ ବିଧେୟକ ରାଜ୍ୟସଭାର ମଞ୍ଜୁରୀ ଲାଭ କରିଛି । ବୁଧବାର ଲୋକସଭାରେ ଏହି ବିଧେୟକ ଗୃହିତ ହୋଇଥିଲା । ବିଧେୟକରେ ଛୋଟ ଛୋଟ ଅପରାଧ ଗୁଡ଼ିକୁ ଅପରାଧମୁକ୍ତ କରିବା ସହ ୨୩ଟି ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ୭୯ଟି କେନ୍ଦ୍ରୀୟ ଆଇନ୍‌ରେ ସଂଶୋଧନ କରିବା ପାଇଁ ପ୍ରସ୍ତାବ ରହିଛି । ଯାହାଦ୍ୱାରା ୭୮୪ଟି ସଂଶୋଧନ ପ୍ରସ୍ତାବ ଜରିଆରେ ୭୧୭ଟି ବ୍ୟବସ୍ଥାକୁ ଅପରାଧମୁକ୍ତ କରାଯାଉଛି ।

# ୟୁଏନ୍ ଚିଫ୍-ଓ୍ୱେଷ୍ଟ ଏସିଆ

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ପରିସ୍ଥିତିର ଶାନ୍ତିପୂର୍ଣ୍ଣ ସମାଧାନ ଲାଗି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଆମେରିକା ଏବଂ ଇସ୍ରାଏଲ୍ ତୁରନ୍ତ ଯୁଦ୍ଧ ବନ୍ଦ କରିବା ଆବଶ୍ୟକ, କାରଣ ଏହି ଆକ୍ରମଣ ଫଳରେ ସାଧାରଣ ଲୋକଙ୍କ ଦୁଃଖଦୁର୍ଦ୍ଦଶା ବୃଦ୍ଧି ପାଇବା ସହ ଅର୍ଥନୈତିକ ପରିସ୍ଥିତି ବ୍ୟାପକ ଭାବେ ନଷ୍ଟ ହେଉଛି । ସେ ମଧ୍ୟ ଇରାନ୍‌କୁ ପଡ଼ୋଶୀ ଦେଶଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ଲାଗି କହିଛନ୍ତି । ଏକ ଟ୍ୱିଟ୍‌ରେ ଶ୍ରୀ ଗୁଟେରସ୍ କହିଛନ୍ତି, ଯେତେବେଳେ ଧ୍ୱଂସର ପଥ ପରିତ୍ୟାଗ କରି ଉଭୟ ଦେଶର ନେତା ଆଲୋଚନା କରିବେ ସେତେବେଳେ ଏହି ପରିସ୍ଥିତିର ସମାଧାନ ହୋଇପାରିବ । ନ୍ୟୁୟର୍କରେ ଗତକାଲି ସୁରକ୍ଷା ପରିଷଦ ବାହାରେ ଗଣମାଧ୍ୟମକୁ ସମ୍ବୋଧିତ କରି ଜାତିସଂଘ ମୁଖ୍ୟ କହିଛନ୍ତି, ଦିନକୁ ଦିନ ଯୁଦ୍ଧର ଭୟାବହତା ବୃଦ୍ଧି ପାଇବା ସହ ମାନବୀୟ କଷ୍ଟ ଓ ଯନ୍ତ୍ରଣା ବୃଦ୍ଧି ପାଇବାରେ ଲାଗିଛି ।

ପଶ୍ଚିମ ଏସିଆ ଉତ୍ତେଜନାମୂଳକ ପରିସ୍ଥିତି ଦୁଇ ମାସରେ ପହଞ୍ଚିଥିବା ବେଳେ ସମ୍ପୃକ୍ତ ଅଞ୍ଚଳଗୁଡ଼ିକରେ ବ୍ୟାପକ ଅର୍ଥନୈତିକ ଅସ୍ଥିରତା ସହ ମାନବୀୟ ଦୁର୍ଦ୍ଦଶା ବୃଦ୍ଧି ପାଇଛି । ସେ ଆଲୋଚନା ଏବଂ କୂଟନୀତି ଜରିଆରେ ସମସ୍ୟାର ସମାଧାନ ଲାଗି ଆହ୍ୱାନ ଦେଇଛନ୍ତି । ଏ କ୍ଷେତ୍ରରେ

ଆରମ୍ଭ ହୋଇଥିବା କୂଟନୈତିକ ଉଦ୍ୟମକୁ ସମର୍ଥନ କରି ଶ୍ରୀ ଗୁଟେରସ୍ କହିଛନ୍ତି, ପ୍ରତ୍ୟେକ ଦେଶର ସାର୍ବଭୌମତ୍ୱକୁ ସମ୍ମାନ କରାଯିବା ଉଚିତ୍ ।

## ଡବ୍ଲ୍ୟୁବି-ସିବିଆଇ ଇନ୍‌ଭେଷ୍ଟିକେସନ୍

ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍.ଆଇ.ଏ.କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏହି ଘଟଣାର ତଦନ୍ତ ଦାୟିତ୍ୱ ଏନ୍.ଆଇ.ଏ.କୁ ଦେଇଛନ୍ତି । ଗତକାଲି ସୁପ୍ରିମ୍‌କୋର୍ଟ୍ ଏହି ଘଟଣାକୁ ନିନ୍ଦା କରିବା ସହ ଭୋଟର ତାଲିକା ସଘନ ସଂଶୋଧନ ପ୍ରକ୍ରିୟାରେ ଜଡ଼ିତ ସମ୍ପୃକ୍ତ ନ୍ୟାୟିକ ଅଧିକାରୀମାନଙ୍କୁ ବନ୍ଧକ ରଖିବା ଘଟଣାକୁ ନିନ୍ଦା କରିଛନ୍ତି । ଘଟଣାରେ ରାଜ୍ୟ ଗୃହ ସଚିବ, ପୋଲିସ୍ ମହାନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନଙ୍କଠାରୁ ସୁପ୍ରିମ୍‌କୋର୍ଟ୍ ଜବାବ ତଲବ କରିଛନ୍ତି । ସର୍ବୋଚ୍ଚ ନ୍ୟାୟାଳୟ ନିର୍ବାଚନ କମିଶନ୍‌ଙ୍କୁ ଘଟଣାର ସି.ବି.ଆଇ. କିମ୍ବା ଏନ୍.ଆଇ.ଏ. ତଦନ୍ତ ଦେବା ଲାଗି ନିର୍ଦ୍ଦେଶ ଦେବା ସହ ନ୍ୟାୟିକ ଅଧିକାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଡ଼ିଲେ କେନ୍ଦ୍ରୀୟ ସୁରକ୍ଷାବଳ ମୁତୟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ନିର୍ବାଚନ କମିଶନ୍ ସୁପ୍ରିମ୍‌କୋର୍ଟ୍‌ଙ୍କ ନିର୍ଦ୍ଦେଶ ମତେ ଏନ୍.ଆଇ.ଏ.କୁ ତଦନ୍ତ ଭାର ଦେଇଥିବା ବେଳେ ଆଜି ଏନ୍.ଆଇ.ଏ. ଅଧିକାରୀମାନେ ପଶ୍ଚିମବଙ୍ଗରେ ପହଞ୍ଚିବେ । ଚଳିତ ମାସ ୬ ତାରିଖ ସୁଦ୍ଧା ସୁପ୍ରିମ୍‌କୋର୍ଟ୍‌ରେ ପ୍ରାରମ୍ଭିକ ରିପୋର୍ଟ୍ ଦାଖଲ କରାଯିବ ବୋଲି କମିଶନ୍ କହିଛନ୍ତି ।

ଅନ୍ୟ ପକ୍ଷରେ ଏହି ଘଟଣାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ କମିଶନର ଅସନ୍ତୋଷ ପ୍ରକାଶ କରିବା ସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଥିବା କହିଛନ୍ତି । ଘଟଣାକୁ ନେଇ ସେ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ପୋଲିସ୍ ଅଧିକାରୀମାନଙ୍କ ସହ ଗତକାଲି ଏକ ବୈଠକରେ ସତର୍କ କରାଇ ଦେଇଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ, ପୋଲିସ୍ ମହାନିର୍ଦ୍ଦେଶକ, ମୁଖ୍ୟ ନିର୍ବାଚନ ଅଧିକାରୀ, କୋଲକାତା ପୋଲିସ୍ କମିଶନର୍, ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ଅଧିକ୍ଷକମାନେ ଉପସ୍ଥିତ ଥିଲେ । ଅନ୍ୟ ପକ୍ଷରେ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର କହିଛନ୍ତି, ଏଭଳି ଘଟଣାରେ ସମ୍ପୃକ୍ତ ଅଧିକାରୀମାନଙ୍କ କେବଳ ବଦଳି କରାଯିବ ନାହିଁ ବରଂ ସେମାନଙ୍କ ବିରୋଧରେ ଦୃଢ଼ ଆଇନ୍‌ଗତ ପଦକ୍ଷେପ ଗ୍ରହଣ କରାଯିବ । ମାଲଦାରେ ଘଟିଥିବା ଘଟଣା ନେଇ ସେଠାକାର ଜିଲ୍ଲା ମାଜିଷ୍ଟ୍ରେଟ୍ ଏବଂ ପୋଲିସ୍ ଅଧିକ୍ଷକଙ୍କ ଭୂମିକା ନେଇ ନିର୍ବାଚନ କମିଶନ୍ ପ୍ରଶ୍ନ କରିଛନ୍ତି ।

ଏହି ଘଟଣା ପରେ ସେଠାକାର ସହରାଞ୍ଚଳ ବିକାଶ ପ୍ରମୁଖ ସଚିବ ମହମ୍ମଦ ଗୁଲାମ୍ ଅଲ୍ଲୀ ଆନ୍‌ସାରୀଙ୍କୁ ମାଲଦା ଡିଭିଜନ୍‌ର କମିଶନର୍ ଭାବେ ନିଯୁକ୍ତି ଦିଆଯାଇଛି ।

## ଜେଇଇ ଏକ୍ସାମ୍

ଜେଇଇ ମୁଖ୍ୟ ଯୁଗ୍ମ ପ୍ରବେଶିକା ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଗତକାଲିଠାରୁ ଆରମ୍ଭ ହୋଇଛି । ଭାରତ ଏବଂ ଭାରତ ବାହାରେ ୫୫୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯାଉଛି । ଦେଶର ୩୦୪ଟି ଏବଂ ଦେଶ ବାହାରେ ୧୪ଟି ସହରରେ ସ୍ଥିରୀକୃତ ପରୀକ୍ଷା କେନ୍ଦ୍ରରେ ଚଳିତ ମାସ ୪ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ କରାଯାଉଥିବା ଏହି ପରୀକ୍ଷାରେ ୧୧ ଲକ୍ଷ ୨୩ ହଜାରରୁ ଅଧିକ ପ୍ରାର୍ଥି କମ୍ପ୍ୟୁଟର ଆଧାରିତ ପରୀକ୍ଷା ଦେଉଛନ୍ତି ।

## ଅଏଲ୍ ପ୍ରାଇସେସ୍

ଇରାନ୍ ଉପରେ ଆଗାମୀ ଦିନରେ ଆକ୍ରମଣ ଜୋର୍‌ଦାର କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଏକ ଟେଲିଭିଜନ୍ ବାର୍ତ୍ତା

ପରେ ତୈଳ ଦର ବୃଦ୍ଧି ପାଇଛି । ଏହି ବାର୍ତ୍ତା ଦ୍ୱାରା ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ପରିସ୍ଥିତି ଖୁବ୍ ଶୀଘ୍ର ଶେଷ ହେବା ନେଇ କୌଣସି ସମ୍ଭାବନା ନ ଥିବା ଆକଳନ କରାଯାଇଛି । ଫଳରେ ଅଶୋଧିତ ତୈଳ ମୂଲ୍ୟ ୮ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ୍ ପିଛା ୧୦୯ ଡଲାର୍ ହୋଇଛି । ଆମେରିକାରେ ଉତ୍ପାଦିତ ତୈଳ ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି । ମାର୍ଚ୍ଚ ୯ ପରେ ଗତକାଲି ବ୍ୟାରେଲ୍ ପିଛା ମୂଲ୍ୟ ୧୧ ପ୍ରତିଶତ ବୃଦ୍ଧି ପାଇ ୧୧୧ ଡଲାର୍ ହୋଇଛି ।

## ଜେଇଇ ଏକ୍ସାମ୍

ଜେଇଇ ମୁଖ୍ୟ ଯୁଗ୍ମ ପ୍ରବେଶିକା ପରୀକ୍ଷାର ଦ୍ୱିତୀୟ ପର୍ଯ୍ୟାୟ ଗତକାଲିଠାରୁ ଆରମ୍ଭ ହୋଇଛି । ଭାରତ ଏବଂ ଭାରତ ବାହାରେ ୫୫୬ଟି ପରୀକ୍ଷା କେନ୍ଦ୍ରରେ ପରୀକ୍ଷା କରାଯାଉଛି । ଦେଶର ୩୦୪ଟି ଏବଂ ଦେଶ ବାହାରେ ୧୪ଟି ସହରରେ ସ୍ଥିରୀକୃତ ପରୀକ୍ଷା କେନ୍ଦ୍ରରେ ଚଳିତ ମାସ ୪ ତାରିଖ ଠାରୁ ୮ ତାରିଖ ପର୍ଯ୍ୟନ୍ତ ଏହି ପରୀକ୍ଷା ଅନୁଷ୍ଠିତ ହେବ । ଜାତୀୟ ପରୀକ୍ଷଣ ସଂସ୍ଥା ଏନ୍.ଟି.ଏ. ପକ୍ଷରୁ କରାଯାଉଥିବା ଏହି ପରୀକ୍ଷାରେ ୧୧ ଲକ୍ଷ ୨୩ ହଜାରରୁ ଅଧିକ ପ୍ରାର୍ଥୀ କମ୍ପ୍ୟୁଟର ଆଧାରିତ ପରୀକ୍ଷା ଦେଉଛନ୍ତି ।

# ଖେଲୋଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ

ଛତିଶଗଡ଼ରେ ଚାଲିଥିବା ଖେଲୋଇଣ୍ଡିଆ ଜନଜାତି କ୍ରୀଡ଼ା ଆଜି ଉଦ୍‌ଯାପନ ହେବ । ରାୟପୁରରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ତାଙ୍କ ସହ ଆନ୍ତର୍ଜାତିକ ବକ୍ସର ମ୍ୟାରିକମ୍ ଏବଂ ଫୁଟବଲ୍ ଖେଳାଳି ବାଇଚୁଙ୍ଗ୍ ଭୁଟିଆ ସ୍ୱତନ୍ତ୍ର ଅତିଥି ଭାବେ ଉପସ୍ଥିତ ରହିବେ । ଅତିଥିମାନଙ୍କ ଉପସ୍ଥିତିରେ ଛତିଶଗଡ଼ ଏବଂ ପଶ୍ଚିମବଙ୍ଗ ମଧ୍ୟରେ ପୁରୁଷ ଫୁଟବଲ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ୨୩ଟି ସ୍ୱର୍ଣ୍ଣ ପଦକ ସହ କର୍ଣ୍ଣାଟକ ଶୀର୍ଷରେ ରହିଥିବା ବେଳେ ୨୦ଟି ସ୍ୱର୍ଣ୍ଣ ପଦକ ସହ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ଓ ୧୨ଟି ସ୍ୱର୍ଣ୍ଣ ପଦକ ସହ ଝାଡ଼ଖଣ୍ଡ ତୃତୀୟ ସ୍ଥାନରେ ରହିଛି । ଗତ ମାସ ୨୫ ତାରିଖରେ ଆରମ୍ଭ ହୋଇଥିବା ଏହି କ୍ରୀଡ଼ାରେ ୩୦ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳରୁ ୩ ହଜାରରୁ ଅଧିକ କ୍ରୀଡ଼ାବିତ୍ ଭାଗ ନେଇଥିଲେ ।